## ଲୋକ ଭବନରେ ୪୮୫ କିଲୋୱାଟ୍‌ପି ସୋଲାର ପ୍ଲାଣ୍ଟ ଉଦଘାଟନ କଲେ ରାଜ୍ୟପାଳ

### ଲୋକ ଭବନର ମୋଟ ସୌର କ୍ଷମତା ୭୩୫ କିଲୋୱାଟ୍ କୁ ବୃଦ୍ଧି

ଭୁବନେଶ୍ୱର, ୬ ଜୁନ୍: ଲୋକ ଭବନରେ ୪୮୫ କିଲୋୱାଟ୍‌ପି (kWp) ରୁଫଟପ୍ ସୌର ବିଦ୍ୟୁତ୍ ପ୍ଲାଣ୍ଟ ଶନିବାର ଦିନ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟିଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏଥି ସହିତ ଲୋକ ଭବନ କ୍ୟାମ୍ପସ୍ ସବୁଜ ଓ ନବୀକରଣଯୋଗ୍ୟ ଶକ୍ତି ବ୍ୟବହାର ଦିଗରେ ଆଗକୁ ଆଉ ଏକ ବଡ଼ ପଦକ୍ଷେପ ନେଇଛି।




ଏହି ନୂତନ ସୌର ପ୍ରକଳ୍ପ ଯୋଗୁଁ ଲୋକ ଭବନର ମୋଟ ସୌର ବିଦ୍ୟୁତ୍ କ୍ଷମତା ୭୩୫ କିଲୋୱାଟ୍ ହୋଇଛି, ଯାହା ରାଜ୍ୟର ସରକାରୀ ଅନୁଷ୍ଠାନଗୁଡ଼ିକ ପାଇଁ ଏକ ଉଲ୍ଲେଖନୀୟ ଉଦାହରଣ ସୃଷ୍ଟି କରିଛି।

ଲୋକ ଭବନ ପରିସର ମଧ୍ୟରେ ବିଭିନ୍ନ କୋଠାରେ ଏହି ସୌର ପ୍ରକଳ୍ପ ସ୍ଥାପନ କରାଯାଇଛି। ସର୍ବାଧିକ ୧୯୧ କିଲୋୱାଟ୍‌ପି ସୌର ପ୍ୟାନେଲ୍ ଅଭିଷେକ୍ ବାଙ୍କେ୍ୱଟ୍ ହଲ୍‌ରେ ସ୍ଥାପନ କରାଯାଇଛି। ଏହା ପରେ କ୍ୟାମ୍ପସ୍ ଗ୍ୟାରେଜ୍ (୮୫ କିଲୋୱାଟ୍‌ପି), ପ୍ରଶାସନିକ ଭବନ (୭୪ କିଲୋୱାଟ୍‌ପି), ରାଜ୍ୟପାଳଙ୍କ ନିବାସ (୫୪ କିଲୋୱାଟ୍‌ପି), ଏନର୍ଜି ପାର୍କ (୪୭ କିଲୋୱାଟ୍‌ପି), ପୋଲିସ୍ ଏଡିସି ନିବାସ (୨୦ କିଲୋୱାଟ୍‌ପି), ନୌସେନା ଏଡିସି ନିବାସ (୧୪ କିଲୋୱାଟ୍‌ପି) ଏବଂ ୱେଲନେସ୍ ସେଣ୍ଟରରେ (୧୦ କିଲୋୱାଟ୍‌ପି) ସୋର ପ୍ୟାନେଲ ସ୍ଥାପନ କରା ଯାଇଛି।

ଏହି ପ୍ରକଳ୍ପକୁ ଏନ୍‌ବିସିସି (ଇଣ୍ଡିଆ) ଲିମିଟେଡ୍ ଦ୍ୱାରା କାର୍ଯ୍ୟକାରୀ କରାଯାଇଛି। ଉଦଘାଟନ ଉତ୍ସବରେ ଏନ୍‌ବିସିସିର ଚେୟାରମ୍ୟାନ୍-କମ୍-ମ୍ୟାନେଜିଂ ଡାଇରେକ୍ଟର ଶ୍ରୀ କେ.ପି. ମହାଦେବସ୍ୱାମୀ ସମେତ ଲୋକ ଭବନର ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ।

ଉଦଘାଟନ ଅବସରରେ ରାଜ୍ୟପାଳ କହିଛନ୍ତି ଯେ, ବିଶ୍ୱବ୍ୟାପୀ ଶକ୍ତି ସଙ୍କଟ ଏବଂ ମୂଲ୍ୟ ବୃଦ୍ଧିକୁ ଦୃଷ୍ଟିରେ ରଖି ନବୀକରଣଯୋଗ୍ୟ ଶକ୍ତି ଆଡ଼କୁ ଯିବା ଆବଶ୍ୟକ। ଆମଦାନୀ ହେଉଥିବା ଅଶୋଧିତ ତୈଳ ଉପରେ ନିର୍ଭରଶୀଳତା କମ କରି ସବୁଜ ଶକ୍ତିକୁ ପ୍ରୋତ୍ସାହନ ଦେବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି ।

ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକୁ ଉଲ୍ଲେଖ କରି ନାଗରିକମାନଙ୍କୁ ଇଲେକ୍ଟ୍ରିକ୍ ଯାନ ବ୍ୟବହାର କରିବା ଏବଂ ପେଟ୍ରୋଲ୍-ଡିଜେଲ୍ ବ୍ୟବହାର କମ୍ କରିବା ପାଇଁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ଇଭି ବ୍ୟବହାର ବଢ଼ୁଥିବା ସତ୍ତ୍ୱେ ବଢ଼ୁଥିବା ବିଦ୍ୟୁତ୍ ଚାହିଦାକୁ ସୌର ଶକ୍ତି ଭଳି ସବୁଜ ଉତ୍ସ ଦ୍ୱାରା ପୂରଣ କରିବା ଆବଶ୍ୟକ ବୋଲି ରାଜ୍ୟପାଳ କହିଛନ୍ତି।

ପିଏମ୍ ସୂର୍ଯ୍ୟ ଘର ଯୋଜନା ଏବଂ ଓଡ଼ିଶା ସରକାରଙ୍କ ସବସିଡି ସହାୟତା ବିଷୟରେ ଉଲ୍ଲେଖ କରି ରାଜ୍ୟପାଳ କହିଛନ୍ତି ଯେ, ଏହି ଯୋଜନାଗୁଡ଼ିକ ଦ୍ୱାରା ଘରୋଇ ଏବଂ ଅନୁଷ୍ଠାନଗୁଡ଼ିକୁ କମ ଖର୍ଚ୍ଚରେ ରୁଫଟପ୍ ସୌର ପ୍ରଣାଳୀ ସ୍ଥାପନ କରିବା

ସମ୍ଭବ ହେଉଛି । ଏଥି ସହିତ ଇଥାନଲ୍ ବ୍ଲେଣ୍ଡିଂ (E20 ଓ E85), ଫ୍ଲେକ୍ସ-ଫ୍ୟୁଏଲ୍ ଯାନ ପରି ପଦକ୍ଷେପ ମାଧ୍ୟମରେ ଜୀବାଶ୍ମ ଇନ୍ଧନ ନିର୍ଭରତା କମ କରାଯାଇ ପାରୁଛି ବୋଲି ରାଜ୍ୟପାଳ କହିଥିଲେ।

ଗତ ଏକ ବର୍ଷ ମଧ୍ୟରେ ଲୋକ ଭବନ ସୌର ଶକ୍ତି ବ୍ୟବହାରକୁ ବିସ୍ତାରିତ କରି ତା'ର ସବୁଜ ପ୍ରୟାସକୁ ମଜବୁତ କରିପାରିଛି । ରାଜ୍ୟପାଳଙ୍କ ଅଫିସିଆଲ୍ କାରକେଡକୁ ପୂର୍ବରୁ ଇଲେକ୍ଟ୍ରିକ୍ ଯାନକୁ ରୂପାନ୍ତରିତ କରାଯାଇଛି। ଏହି ସମସ୍ତ ପଦକ୍ଷେପ ଲୋକ ଭବନକୁ ନେଟ୍ ଜିରୋ (Net Zero) ଲକ୍ଷ୍ୟ ଆଡ଼କୁ ଆଗେଇ ନେଇଛି ଏବଂ ପରିବେଶ ଦାୟିତ୍ୱ ସହ ପ୍ରଶାସନିକ ଦକ୍ଷତାକୁ ସମନ୍ୱିତ କରୁଛି।

ଐଶ୍ୱର୍ଯ୍ୟା ସାମନ୍ତ
ରାଜ୍ୟପାଳଙ୍କ ଲୋକ ସମ୍ପର୍କ ଅଧିକାରୀ